# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ନଦୀ ମଧ୍ୟରୁ ରାଜକୁମାର

ଲେଖକ: Edward Hughes
ଦୃଷ୍ଟାନ୍ତ: M. Maillot; Lazarus
ଉପଯୋଜକ: M. Maillot; Sarah S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପ୍ରଧାନ ମନ୍ତ୍ରୀ ଯୋଶେଫଙ୍କର ମୃତ୍ୟୁ ହୋଇଯାଇଥିଲା,
ସମସ୍ତ ମିଶ୍ରୀୟ ପରିବାର ଦୁଃଖରେ ଜଡ଼ିତ ହେଲେ ।
ପରମେଶ୍ୱର ଯୋଶେଫ୍ ଏକ ଏବ୍ରୀୟଙ୍କୁ
ଦେଶରେ ଥିବା ସମସ୍ତ ଲୋକଙ୍କୁ ସେହି
ମହା ଦୁର୍ଭୀକ୍ଷରୁ ବଞ୍ଚାଇଲେ ।



ସେ ଏକ ବୁଦ୍ଧିମାନ୍ ଓ
ଆଦରର ନେତା
ଥିଲେ । ବର୍ତ୍ତମାନ
ସେ ଚାଲିଗଲେ ।

ତିନିଶହ ବର୍ଷରୁ ଊର୍ଦ୍ଧ ସମୟ ବିତିଗଲା । ମିଶର ଦେଶରେ ଯୋଶେଫଙ୍କର ଲୋକମାନେ, ଏବ୍ରୀୟମାନେ, ଏକ ବୃହତ୍ ଗୋଷ୍ଠିରେ ପରିଣତ ହୋଇଗଲେ । ନୂତନ ଭାବେ ନିଯୁକ୍ତ ଫାରୋ ଭୟକଲେ କାଳେ ସେମାନେ ତାଙ୍କ ବିରୁଦ୍ଧରେ ଉଠିବେ, ତେଣୁ ସେ ସେମାନଙ୍କୁ ଦାସତ୍ୱରେ ରଖିଲେ ।



ଫାରୋ ଏବ୍ରୀୟମାନଙ୍କୁ କ୍ରୁରତା ଭାବରେ ବ୍ୟବହାର କଲେ ।  ସେ ସେମାନଙ୍କୁ ମାନଙ୍କୁ ବୃହତ୍ ଶହରମାନ ଗଢ଼ିବକୁ ବାଧ୍ୟ କଲେ । ମାତ୍ର ସେ ସେମାନଙ୍କୁ ଯେତେ ଅଧିକ କ୍ଲେଶ ଦେଲେ ସେମାନେ ଅଧିକ ବୃଦ୍ଧି ପାଇବାରେ ଲାଗିଲେ ।



ଦିନେ, ଫାରୋଙ୍କ ଦ୍ୱାରା ଏକ ଭୟାନକ ଆଜ୍ଞା ଜାରୀ କରାଗଲା । ଏବ୍ରୀୟ ମାନଙ୍କର ସମସ୍ତ ନବଜାତ ପୁତ୍ର ସନ୍ତାନଙ୍କୁ ନୀଳନଦୀରେ ନିକ୍ଷେପ କରିବାକୁ ପଡ଼ିବ । ଦୁଷ୍ଟ ଫାରୋ ଏପରି ଭାବରେ ଏବ୍ରୀୟ ମାନଙ୍କର ସଂଖ୍ୟା ହ୍ରାସ କରିବାକୁ ଚ଼ାହୁଁଥିଲେ । ସେ ମଧ୍ୟ ଛୋଟ ଶିଶୁମାନଙ୍କୁ ମାରି ଦେଉଥିଲେ ।



ଆମେ ବା କଅଣ କରିବୁ, ଏକ ପରିବାର ଚ଼ିନ୍ତାରେ ପଡ଼ିଗଲେ । ସେମାନେ ନିଜର ପୁତ୍ର ସନ୍ତାନକୁ ନୀଳ ନଦୀରେ ନିକ୍ଷେପ କରିବାକୁ ମନସ୍ଥ କଲେ । ମାତ୍ର ସେ ଏକ ଗରମ ଥିବା ବାକ୍ସ ଭିତରେ ରହିବେ ଯେଉଁଠାରେ ପାଣି ପଶି ପାରିବ ନାହିଁ ।



ମୂଲ୍ୟବାନ ଜୀନିଷରେ ବୋଝେଇ, ଛୋଟ ବାକ୍ସ ଡଙ୍ଗାଟି ନଳବଣ ମଧ୍ୟରେ

ପହଁରୁଥିଲା । ସେହି ଛୋଟ ଶିଶୁଟିର ଯାହାବି ହୋଇପାରେ?



ଟିକଏ ଦୂରରୁ, ଶିଶୁର ଭଗୀନି ସେହି ମୂଲ୍ୟବାନ ବାକ୍ସକୁ ନିରିକ୍ଷଣ କଲେ ଯେତେବେଳେ ସେହି ବାକ୍ସଟି ଧିରେ ଧିରେ ନରମ ଭାବରେ ନଳବଣରେ ଭାଷିଲା ।



ଅଚ଼ାନକ୍ ଭାବରେ ଫାରୋଙ୍କର କନ୍ୟା ସେହି ସେଠାକୁ ସ୍ନାନ କରିବାକୁ ନିଜର ସେବିକା ମାନଙ୍କ ସହିତ ଆସିଲେ । ବାଚ୍ଛଟିକୁ ଲୁଚ଼ାଇବା ନିମନ୍ତେ ସେଠାରେ କୌଣସି ସ୍ଥାନ ନଥିଲା । ହୋଇପାରେ ସେମାନେ ବାଚ୍ଛଟିକୁ ଦେଖି ନ ପାରି ଚ଼ାଲି ଯାଇଥିବେ ।



ଏହା ଏକ ବାକ୍ସ । ସେହି ନଳବଣରେ ଅଛି । ମୋତେ ବ୍ୟତିବ୍ୟସ୍ତ ଲାଗୁଛି ସେଠାରେ କଣ ଅଛି, ଫାରୋଙ୍କର କନ୍ୟା ନିଜର ସେବିକା ମାନଙ୍କୁ ବାକ୍ସ ଆଣିବାକୁ ଆଦେଶ ଦେଲେ । ଯେତେବେଳେ ସେ ତାହା ଖୋଲିଲେ, ପିଲାଟି କାନ୍ଦିବାକୁ ଲାଗିଲା । ଏହା ଏକ ଏବ୍ରୀୟ ସନ୍ତାନ, ରାଜକୁମାରୀ ଅବାକ୍ ହୋଇଗଲେ ।



ଗରିବ ଏକ ଛୋଟ ବିଷୟ । ତୁମେ ଅତ୍ୟଧିକ ସୁନ୍ଦର ଅଟ । ହୋଇପାରେ ଫାରୋଙ୍କର କନ୍ୟା ସେହି ଛୋଟ ପିଲାକୁ ଠିକ୍ ସେହିପରି କଥା କହିଥାଇପାରନ୍ତି ଯେପରି ଆମେ ବଢ଼ିଥିବା ଲୋକ କଥା କହୁ । ସେ ଉଚ଼ି-କୁଚ଼ି କୁ-ଉମ୍ ମଧ୍ୟ କହିଥାଇ ପାରନ୍ତି, ନିଷ୍ଚିତ ଭାବରେ ସେ ମିଶ୍ରୀୟ ଭାଷା କହିଲେ ।



ପରମେଶ୍ୱର ନିଶ୍ଚିତ ଭାବରେ ସେହି ଛୋଟ ଶିଶୁର ଭଗ୍ନୀଙ୍କୁ ଅ-ସାଧାରଣ ବୁଦ୍ଧି ପ୍ରଦାନ କରିଥିଲେ । ସେ ଫାରୋଙ୍କ କନ୍ୟା ନିକଟକୁ ଦୌଡ଼ଗଲା । ଆପଣ ଚ଼ହାନ୍ତି କି ମୁ ଆପଣଙ୍କ ନିମନ୍ତେ ଏହି ପିଲାର ସେବା ନିମନ୍ତେ ଏକ ଏବ୍ରୀୟ ସ୍ତ୍ରୀ ଖୋଜୀ ଆଣିବି, ଠିକ୍ ଅଛି ଆଣ, ହଁ ଯାଅ ସେ ଉତ୍ତର କଲା ।

ତୁମେ କଣ ଭାବ ଯେ ସେହି କନ୍ୟାଟି କାହାକୁ ଖୋଜିବାକୁ ଗଲା ।



ମାତା, ଶୀଘ୍ର ଆସନ୍ତୁ, ଦୌଡ଼ି ଆସନ୍ତୁ,ହୋଇପାରେ ସେହି କନ୍ୟା ପଥରେ ସଂପୂର୍ଣ୍ଣ କହିବାକୁ ସମୟ ନଥିଲା । ଦୁହେଁ ସେମାନେ ଚ଼ଲା ରାସ୍ତାରୁ ଯାଇ ପହଞ୍ଚିଲେ ।



ନଦୀ ପାଖରେ, ସେହି ପିଲାଟି ଫାରୋଙ୍କ କନ୍ୟା ହାତରେ ଥିଲେ । ତୁମେ ଏହାକୁ ମୋ ନିମନ୍ତେ ପ୍ରତିପାଳନ କର ମୁ ତୁମ୍ଭକୁ ତାହା ବଦଳରେ ବର୍ତ୍ତନ ଦେବି । ଏହାକୁ ମୋଶା ଡାକ । ଜଳରୁ ତାହାର ଉଦ୍ଧାର ହୋଇଥିବାରୁ ସେ ବର୍ତ୍ତମାନ୍ ମିଶରିୟ ।



ମୋଶା ପୁଣିଥରେ ନିଜର ପିତାମାତା ଓ ନିଜର ଗୃହକୁ ଫେରି ଆସିଲେ । ସେମାନେ ତାଙ୍କୁ ପରମେଶ୍ୱରଙ୍କୁ ଭୟ ଓ ଏବ୍ରୀୟ ମାନଙ୍କୁ ଆଦର କରିବା ଶିଖାଇଲେ । ଶିଘ୍ର ସେ ରାଜପ୍ରସାଦରେ ଫାରୋର କନ୍ୟାଙ୍କ ସହିତ ରହିବେ । ପରମେଶ୍ୱର ଯେ ଛୋଟ ମୋଶାଙ୍କୁ ଉଦ୍ଧାର କଲେ, ତାଙ୍କ ନିମନ୍ତେ ଏକ ବୃହତ୍ ଯୋଜନା କରିକଥିଲେ ।





ନଦୀ ମଧ୍ୟରୁ ରାଜକୁମାର

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬